# ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଦାବିପତ୍ର

କଟକ,୨୨।୫/ଏନ୍‌ଏନ୍‌ଏସ୍: ସମ୍ପ୍ରତି ଦେଶର ଅସ୍ୱାଭାବିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବା ତଥା ଛାତ୍ରଛାତ୍ରୀଙ୍କୁ ସୁହାଇବା ଭଳି ବ୍ୟବସ୍ଥା କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ଏହାର ଏକକିତା ନକଲ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପ୍ରଦାନ କରାଯାଇଛି। କରୋନା ଯୋଗୁଁ ଲକ୍‌ଡାଉନ ଫଳରେ ସାରାଦେଶରେ ଲକ୍ଷ ଲକ୍ଷ ଜନସାଧାରଣ ନିଜର ଜୀବିକା ହରାଇଛନ୍ତି। ଖାଦ୍ୟାଭାବ ତଥା ସରକାରଙ୍କ ଖାମଖିଆଲି ଯୋଗୁଁ ଅନେକଙ୍କର ମଧ୍ୟ ମୃତ୍ୟୁ ହୋଇସାରିଲାଣି। ସମଗ୍ର ଦେଶ ଆଜି ଚରମ ଅବ୍ୟବସ୍ଥା ଦେଇ ଗତି କରୁଛି। ଦେଶର ଶିକ୍ଷାବ୍ୟବସ୍ଥା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏଭଳି ସ୍ଥିତିରେ ସରକାର ସମସ୍ତ ଅବ୍ୟବସ୍ଥା ଦୂର କରିବା ପରିବର୍ତ୍ତେ ଶିକ୍ଷା ବିରୋଧୀ ନିଷ୍ପତ୍ତିମାନ ଗ୍ରହଣ କରିବାରେ ଲାଗିପଡିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଥିବା ଅଭିଯୋଗ କରି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରଯାଇଛି। ଏହି ଦାବିପତ୍ରରେ କୁହାଯାଇଛି ଯେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କଦାପି ଶ୍ରେଣୀଗୃହରେ ଶିକ୍ଷାଦାନ ବ୍ୟବସ୍ଥାର ବିକଳ୍ପ ହୋଇପାରିବ ନାହିଁ। କେବଳମାତ୍ର ଅନ୍‌ଲାଇନ୍ ମାଧ୍ୟମରେ ହିଁ ଶିକ୍ଷାଦାନ ପାଇଁ କୌଣସି ଉଦ୍ୟମ ନେବା ଶିକ୍ଷାର ସାର୍ବଜନୀକରଣର ପରିପନ୍ଥୀ। ଏଣୁ ଦେଶର ସମସ୍ତ ଛାତ୍ରଛାତ୍ରୀ ଯେଭଳି ଶିକ୍ଷାର ସୁଯୋଗ ପାଇପାରିବେ ତା'ର ଉପଯୁକ୍ତ ବ୍ୟବସ୍ଥା କରାଯିବା, ସେମିଷ୍ଟାର ଓ ସିବିସିଏସ୍ ପରୀକ୍ଷା ପରିବର୍ତ୍ତେ ବାର୍ଷିକ ପରୀକ୍ଷା ବ୍ୟବସ୍ଥା ପୁନଃ ପ୍ରଚଳନ କରିବା, ଗବେଷଣାରତ ଛତ୍ରଛାତ୍ରୀଙ୍କ ଫେଲୋସିପ୍‌କୁ ଅଧିକ ଛଅ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବା, ଉପଯୁକ୍ତ ମେଡିକାଲ୍ ଶିକ୍ଷା ତଥା ଆବଶ୍ୟକ ତାଲିମପ୍ରାପ୍ତ ଡାକ୍ତର ସୃଷ୍ଟି କରିବାର ଲକ୍ଷ୍ୟ ନେଇ ମେଡିକାଲ ଶିକ୍ଷାର ସମସ୍ତ ପ୍ରକାର ପରୀକ୍ଷା ବ୍ୟବସ୍ଥା ନିରୂପଣ କରାଯିବା, ପରିସ୍ଥିତିରେ ସୁଧାର ଆସିବା କ୍ଷଣି ତୁରନ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ପ୍ରକ୍ରିୟାକୁ ଉପଯୁକ୍ତ ସର୍ବନିମ୍ନ ସମୟସୀମା ମଧ୍ୟରେ ସମାପ୍ତ କରି ପରୀକ୍ଷା ପରିଚାଳନା କରାଯିବା, କରୋନା ଭୂତାଣୁ ସଂକ୍ରମଣମୁକ୍ତ କରିବା ପାଇଁ ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ବିଶୋଧନ କରିବା, ଶିକ୍ଷା କ୍ଷେତ୍ରରେ ସମସ୍ତ ଧରଣର ଫିସ୍ ଛାଡ କରାଯିବା ସହ ଅଭିଭାବକମାନେ ଦେଇପାରିବା ଭଳି ପରିମାଣର ଫି', ଘରୋଇ ଶିକ୍ଷାନୁଷ୍ଠାନମାନଙ୍କର ଫି' ସ୍ତର ନିର୍ଦ୍ଧାରଣ କରାଯିବାକୁ ଦାବି କରାଯାଇଛି।

ନିତିଦିନ NITIDIN Sat, May 23, 2020
http://odishanewsnitidin.com